# NATIONAL NEWS BULLETIN (ODIA)

**6 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସରକାରୀ ସିକ୍ୟୁରିଟିଜ୍ ମାଧ୍ୟମରେ ଏଫ୍‌ପିଆଇ ନିବେଶ ନିୟନ୍ତ୍ରଣ ନିୟମକୁ ସରଳ କଲା ଆରବିଆଇ

- ନେପାଳ ପ୍ରତିପକ୍ଷଙ୍କ ସହ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବେ ବୈଦେଶିକ ବ୍ୟାପାରମନ୍ତ୍ରୀ

- ପଞ୍ଜାବରେ ଆଜି ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୯ ଜଣଙ୍କର ମୃତ୍ୟୁ

- ଇରାନ ସମ୍ପତ୍ତି ଓ ହର୍ମୁଜ ପ୍ରଣାଳୀକୁ ମୁକ୍ତ କରାଗଲେ ଆମେରିକା ସହ ଶାନ୍ତି ଆଲୋଚନା ଅଗ୍ରଗତି କରିବ ବୋଲି କହିଲା ଇରାନ

ଏବଂ

- ସାଫ୍ ମହିଳା ଫୁଟ୍‌ବଲ୍ ଚାମ୍ପିୟାନ୍‌ସିପ୍ ପ୍ରତିଯୋଗିତାର ଟାଇଟଲ୍ ହାସଲ ପାଇଁ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ହେବ ମ୍ୟାଚ୍

---

## ଆରବିଆଇ-ଏଫ୍‌ପିଆଇ

ସରକାରୀ ସିକ୍ୟୁରିଟିଜ୍ ମାଧମରେ ବିଦେଶୀ ପୋର୍ଟଫୋଲିଓ ନିବେଶକ-ଏଫ୍‌ପିଆଇ ଦ୍ୱାରା ନିବେଶ ନିୟନ୍ତ୍ରଣ ନିୟମକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ସରଳ କରିଛି । ସଂଶୋଧିତ ଢାଞ୍ଚା ଅନୁଯାୟୀ ନିବେଶ କ୍ଷେତ୍ର ଅଧିକ

ସୁଗମ ହେବା ସହ କେତେକ ବିନିଯୋଗ ପ୍ରତିବନ୍ଧକକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି । ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ସାଧାରଣ ଏବଂ ଦୀର୍ଘକାଳୀନ ବିନିଯୋଗ ବର୍ଗକୁ କେନ୍ଦ୍ର ଓ ରାଜ୍ୟ ସିକ୍ୟୁରିଟିଜ୍  ପାଇଁ ଏକ ସୀମାବଦ୍ଧ ସମ୍ମିଶ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ନିବେଶ କ୍ଷେତ୍ର ଅଧିକ ସହଜ ତଥା ସୁଗମ ହେବା ସହ ନିବେଶକଙ୍କ ପାଇଁ ଅନୁପାଳନ ଆବଶ୍ୟକତା ମଧ୍ୟ ଏହା ଦ୍ୱାରା ସୀମିତ ହେବ । ସଂଶୋଧିତ ନିୟମ ଲାଗୁ ହୋଇଛି ।

---

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ତାଙ୍କର ନେପାଳ ପ୍ରତିପକ୍ଷ ଶିଶିର ଖାନାଲଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିବେ । ଏ ସଂପର୍କରେ ସୂଚନା ଦେଇ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଆପୋଷ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ସମେତ ବାଣିଜ୍ୟ, ପୁଞ୍ଜିନିବେଶ, ସଂଯୋଗୀକରଣ, ଶକ୍ତି ଏବଂ ଜନସଂପର୍କ ଆଦି ପ୍ରମୁଖ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ବୈଠକରେ ଆଲୋଚନା କରାଯିବ ।

ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଶ୍ରୀ ଖାନାଲଙ୍କର ଏହି ୩ ଦିନିଆ ଗସ୍ତ ଭାରତ-ନେପାଳ ମଧ୍ୟରେ ରହିଥିବା ସ୍ୱତନ୍ତ୍ର ଭାଗିଦାରୀକୁ ଅଧିକ ସଶକ୍ତ କରିବାରେ ସହାୟକ ହେବ । ଦୁଇଦେଶ ମଧ୍ୟରେ ଥିବା ବହୁବିଧ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଲାଗି ଭାରତ ଆଗ୍ରହୀ । ବିକାଶ କ୍ଷେତ୍ରରେ ସହଯୋଗ ଏବଂ ବାଣିଜ୍ୟ ଓ

ପୁଞ୍ଜି ନିବେଶ ସମେତ ଜନସଂପର୍କ ଭଳି ପ୍ରସଙ୍ଗଗୁଡ଼ିକ ଆଜିର ଆଲୋଚନାରେ ସ୍ଥାନ ପାଇବ ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ଶ୍ରୀ ଖାନାଲ ଗତକାଲି ନୂଆଦିଲ୍ଲୀଠାରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ  ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତରେ ଅବସ୍ଥାପିତ ନେପାଳ ଦୂତାବାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ -ନେପାଳ ଦ୍ୱିପକ୍ଷୀୟ ସଂପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ବୈଠକ ବେଶ୍ ଫଳପ୍ରଦ ହୋଇଛି ।

## ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ ପକ୍ଷରୁ ମାର୍କ ଯାଞ୍ଚ କରିବା ଏବଂ ପୁନଃ ମୂଲ୍ୟାୟନ ସଂପର୍କିତ ଆବେଦନ ଲାଗି ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ସିବିଏସ୍ଇ କହିଛି, ଏଥିଲାଗି ସଂପୃକ୍ତ ଛାତ୍ରଛାତ୍ରୀ ନିଜ ନିଜ ଆବେଦନ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଦାଖଲ କରିପାରିବେ । ଆବେଦନ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବା ତଥା ଶିକ୍ଷାର୍ଥୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିକୁ ରଖି ଏହି ଅତିରିକ୍ତ ସମୟ ପ୍ରଦାନ କରାଯାଇଛି ବୋଲି ସିବିଏସ୍ଇ କହିଛି । ପୂର୍ବରୁ ଏହି ପ୍ରକ୍ରିୟା ଲାଗି ଆଜି ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା ।

## ରାଜନାଥ ସିଂ-ଜିଡିପି ଗ୍ରୋଥ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ବିଶ୍ୱର ବିଭିନ୍ନ ରାଷ୍ଟ୍ର ଆର୍ଥିକ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ବେଳେ ଭାରତ ଅଭିବୃଦ୍ଧି ସଂପନ୍ନ

ପ୍ରମୁଖ ଅର୍ଥନୀତି ଭାବେ ପରିଗଣିତ ହେଉଛି । ଗତ ଆର୍ଥିକବର୍ଷରେ ୭ ଦଶମିକ ୭ ପ୍ରତିଶତ ଜିଡିପି ଅଭିବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ସିଂ କହିଛନ୍ତି, ଏହି ସଫଳତା ଗତ ୧୨ ବର୍ଷ ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଭାରତୀୟ ଅର୍ଥନୀତିର ସ୍ଥିରତା ଏବଂ ଅନ୍ତର୍ନିତ ଶକ୍ତିକୁ ପ୍ରତିଫଳିତ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆର୍ଥିକ ଅଭିବୃଦ୍ଧିକୁ ନିରନ୍ତରତା, ଆତ୍ମବିଶ୍ୱାସ, ସ୍ଥିରତା, ନିର୍ଭରଯୋଗ୍ୟତା ସହିତ ସମନ୍ୱିତ କରିପାରିଛି । ରାଷ୍ଟ୍ର ନିର୍ମାଣ, ନବସୃଜନ, ଭିତ୍ତିଭୂମି ଏବଂ ଉଦ୍ୟୋଗ କ୍ଷେତ୍ର ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅଙ୍ଗୀକାରବଦ୍ଧତା ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଦେଶକୁ ଆଗକୁ ନେବାରେ ସହାୟତା ପ୍ରଦାନ କରିଛି ବୋଲି ଶ୍ରୀ ସିଂ କହିଛନ୍ତି ।

ବିଶ୍ୱସ୍ତରରେ ଭାରତ ଏବେ ଏକ ଆତ୍ମବିଶ୍ୱାସୀ, ସ୍ଥିର ଏବଂ ସମ୍ମାନଜନକ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇପାରିଛି । ଏହି ଅଭିବୃଦ୍ଧି ନୂତନ ସୁଯୋଗ ସୃଷ୍ଟି କରିବା ସହିତ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷାକୁ ସଶକ୍ତ କରିପାରିଛି ।

---

## ପଞ୍ଜାବ ଆକ୍ସିଡେଣ୍ଟ

ପଞ୍ଜାବରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨୨ ଜଣ ଆହତ ହୋଇଛନ୍ତି । ଫିରୋଜପୁର-ଫାଜିଲ୍‌କା ସଡ଼କପଥରେ ଏକ ଯାତ୍ରୀବାହୀ ଗାଡ଼ି ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ୯ଜଣଯାକ ମୃତକ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡ଼ିଛି । ବ୍ୟାସନଦୀରେ ଜଣେ ସଂପର୍କୀୟଙ୍କ ଚିତାଭସ୍ମ ବିସର୍ଜନ କରିବାକୁ ସେମାନେ ଗସ୍ତ କରୁଥିଲେ । ଆହତଙ୍କୁ ଫିରୋଜପୁର

ସିଭିଲ୍ ହସ୍ପିଟାଲ ଏବଂ ଫରିଦକୋଟ ମେଡ଼ିକାଲ କଲେଜରେ ଚିକିତ୍ସା କରାଯାଉଛି ।

# ଇରାନ-ୟୁଏସ୍

ଇସ୍ରାଏଲ୍ ସଂପର୍କରେ ସ୍ୱାଧୀନ ଭାବେ ନିଷ୍ପତ୍ତି ଗ୍ରହଣ କରିବା, ହର୍ମୁଜ ପ୍ରଣାଳୀକୁ ଅବରୋଧ ମୁକ୍ତ କରିବା ଏବଂ ଜବତ ସମ୍ପତ୍ତିକୁ ମୁକ୍ତ କରିବାକୁ ଇରାନ ଆମେରିକାକୁ ଆହ୍ୱାନ ଦେଇଛି । ଏକ ଟେଲିଭିଜନ ସାକ୍ଷାତକାରରେ ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସାମରିକ ପରାମର୍ଶଦାତା ମୋହସେନ ରେଜାଇ ଏହା କହିଛନ୍ତି । ସେ କହିଛନ୍ତି, ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ଏବେ ଏକ ଅଚଳାବସ୍ଥାରେ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ଅବସ୍ଥାକୁ ଭଙ୍ଗ କରିବାକୁ ପଡ଼ିବ । ଇରାନ ସମ୍ପତ୍ତି ଏବଂ ହର୍ମୁଜ ପ୍ରଣାଳୀକୁ ମୁକ୍ତ କରାଗଲେ ହିଁ ଦୁଇପକ୍ଷ ମଧ୍ୟରେ ଚୁକ୍ତି ଅଗ୍ରଗତି କରିବ ବୋଲି ଶ୍ରୀ ରେଜାଇ କହିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ଏବଂ ଖାମନେଇଙ୍କ ମଧ୍ୟରେ ସମ୍ଭାବ୍ୟ ବୈଠକ ସମ୍ଭାବନାକୁ ସେ ପ୍ରତ୍ୟାଖ୍ୟାନ କରିବା ସହିତ କହିଛନ୍ତି, ଉଭୟ ପକ୍ଷ ମଧ୍ୟରେ ଏବେ ଆଲୋଚନା ପ୍ରାଥମିକ ଅବସ୍ଥାରେ ରହିଛି । ଆଲୋଚନାକୁ ଗତିଶୀଳ କରିବାକୁ ହେଲେ ଶ୍ରୀ ଟ୍ରମ୍ପଙ୍କୁ ଅଚଳାବସ୍ଥା ଦୂର କରିବାକୁ ପଡ଼ିବ ବୋଲି ଶ୍ରୀ ରେଜାଇ କହିଛନ୍ତି ।

ଅନ୍ୟପକ୍ଷରେ ଗତ ଗୁରୁବାର ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ କହିଥିଲେ ଯଦି ଉଭୟ ପକ୍ଷଙ୍କ ମଧ୍ୟରେ ଚୁକ୍ତି ସମ୍ଭବ ହୁଏ, ତେବେ ସେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇଙ୍କ ସହ ସାକ୍ଷାତ କରିବାକୁ ପ୍ରସ୍ତୁତ ଅଛନ୍ତି ।

# ଇଣ୍ଡିଆ-ୟୁଏସ୍ ଆର୍ମି ଟକ୍

ଭାରତ-ଆମେରିକା ସାମରିକ ଅଧିକାରୀଙ୍କ ମଧ୍ୟରେ ୨୯ତମ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ହାୱାଇଠାରେ ଅନୁଷ୍ଠିତ ଏହି ଆଲୋଚନାରେ ଆର୍ମି ଚିଫ୍ ଅଫ୍ ଷ୍ଟାଫ୍- ଷ୍ଟ୍ରାଟେର୍ଜି ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଡାଇ ଏବଂ ଆମେରିକା ସେନାର ଡେପୁଟି କମାଣ୍ଡିଂ ଜେନେରାଲ୍ ଲେଫ୍ଟନାଣ୍ଟ ଜୋଏଲ୍ ଭୋଏଲ୍ ଅଂଶ ଗ୍ରହଣ କରିଥିଲେ । ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ଅଧିକ ମଜବୁତ କରିବା, ପାରସ୍ପରିକ କାର୍ଯ୍ୟଦକ୍ଷତା ବୃଦ୍ଧି, ବୃତ୍ତିଗତ ଆଦାନ ପ୍ରଦାନକୁ ସୁଦୃଢ଼ କରିବା, ସୁରକ୍ଷା ଆଧାରିତ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ସହଭାଗିତା ବୃଦ୍ଧି ଉପରେ ମତ ବିନିମୟ ହୋଇଛି । ଉଭୟପକ୍ଷ ରଣନୈତିକ ଭାଗିଦାରିତାକୁ ଅଧିକ ମଜବୁତ କରିବା ନେଇ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି ।

---

# ଶେଖାୱତ-ସୋଲାର କାପାସିଟ୍

ଗତ ୧୨ ବର୍ଷ ମଧ୍ୟରେ ଦେଶର ସୌରଶକ୍ତି କ୍ଷେତ୍ର ୨ ଦଶମିକ ୮ ଗିଗାୱାଟରୁ ବୃଦ୍ଧି ପାଇ ୧୫୫ ଗିଗାୱାଟ୍‌ରେ ପହଞ୍ଚିଛି ବୋଲି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶେଖାୱତ କହିଛନ୍ତି, ୪୦ ଲକ୍ଷରୁ ଅଧିକ ଘର ସୌରଶକ୍ତି ଦ୍ୱାରା ଆଲୋକିତ ହୋଇଛି । କୃଷିକ୍ଷେତ୍ରରେ ସୌରଶକ୍ତି ଉପଯୋଗ ଦ୍ୱିଗୁଣିତ ହେବା ସହ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଶ୍ରୀ ଶେଖାୱତ କହିଛନ୍ତି, ପ୍ରତ୍ୟେକ ଛାତକୁ ସୌରଚାଳିତ ଏବଂ ପ୍ରତ୍ୟେକ ଘରକୁ ଏକ ଶକ୍ତିକେନ୍ଦ୍ର ଭାବେ ପରିବର୍ତ୍ତନ କରିବା ସଂକଳ୍ପ ନେଇ ଭାରତ ୫ଶହ ଗିଗାୱାଟ ଅକ୍ଷୟଶକ୍ତି କ୍ଷମତା ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି ବୋଲି ମନ୍ତ୍ରୀ ଶ୍ରୀ ଶେଖାୱତ କହିଛନ୍ତି ।

---

# ସାଫ୍ ୱିମେନ୍ସ ଫୁଟ୍‌ବଲ୍

ସାଫ୍ ମହିଳା ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାର ଟାଇଟଲ୍ ହାସଲ ପାଇଁ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଗୋଆର ମାର୍ଗାଓଠାରେ ଖେଳାଯିବାକୁ ଥିବା ଫାଇନାଲ୍ ମ୍ୟାଚ୍ ସନ୍ଧ୍ୟା ସାଢ଼େ ୬ଟାରେ ଆରମ୍ଭ ହେବ । ସେମିଫାଇନାଲ୍ ପର୍ଯ୍ୟାୟରେ ଭୁଟାନକୁ ଗୋଟିଏ ଗୋଲ୍‌ରେ ପରାସ୍ତ କରି ଭାରତ ଫାଇନାଲ୍‌ରେ ପହଞ୍ଚିଛି । ଭାରତ ପୂର୍ବରୁ ୫ଥର ଏହି ଟାଇଟଲ୍ ହାସଲ କରିସାରିଛି ।

---

# କ୍ରିକେଟ୍

ନିଉ ଚଣ୍ଡୀଗଡ଼ର ମୁଲାନପୁରଠାରେ ଭାରତ-ଆଫଗାନିସ୍ଥାନ ମଧ୍ୟରେ ଟେଷ୍ଟ୍ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୪୨ ଓଭର୍‌ରେ ଦୁଇଟି ୱିକେଟ୍ ବିନିମୟରେ ୧୮୦ ରନ୍ ସଂଗ୍ରହ କରିଛି । ଭାରତ ପକ୍ଷରୁ ଅଲ୍‌ରାଉଣ୍ଡର ମାନବ ସୁତାର ଏହି ମ୍ୟାଚ୍ ସହ ତାଙ୍କର ଟେଷ୍ଟ୍ ଜୀବନ ଆରମ୍ଭ କରିଛନ୍ତି ।

---

# ହକି

୧୮ ବର୍ଷରୁ କମ୍ ହକି ପୁରୁଷ ବର୍ଗ ଏସୀୟ କପ୍ ୨୦୨୬ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଆଜି ଭାରତ ଓ ଜାପାନ ମଧ୍ୟରେ ଖେଳାଯିବ । ଜାପାନର କାକାମିଗାହାରାଠାରେ ଭାରତୀୟ ସମୟ ଅପରାହ୍ନ ସାଢ଼େ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସେମିଫାଇନାଲ୍ ପର୍ଯ୍ୟାୟରେ ଭାରତ' ପାକିସ୍ତାନକୁ ୫-୩ ଗୋଲ୍‌ରେ ପରାସ୍ତ କରିଥିଲା । ଜାପାନ ସେମିଫାଇନାଲ୍‌ରେ ମାଲେସିଆକୁ ୮-୧ରେ ପରାସ୍ତ କରି ଫାଇନାଲ୍‌ରେ

ପହଞ୍ଚିଛି । ତୃତୀୟ ସ୍ଥାନ ପାଇଁ ପାକିସ୍ତାନ ଓ ମାଲେସିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ପାଣିପାଗ

କେରଳମ୍ ଏବଂ ମାହେଠାରେ ଆସନ୍ତା କାଲି ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଦେଶର ଉତ୍ତର-ପୂର୍ବାଞ୍ଚଳ କର୍ଣ୍ଣାଟକ, ତାମିଲନାଡୁ, ପୁଡୁଚେରୀ ଓ କରେଇକାଲ୍‌ଠାରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବର୍ଷା ହୋଇପାରେ । ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, ତେଲଙ୍ଗାନା, କୋଙ୍କଣ, ଗୋଆ, ମଧ୍ୟ ମହାରାଷ୍ଟ୍ର, ରୟାଲ୍‌ସୀମା, ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ ଏବଂ ଲାକ୍ଷାଦୀପଠାରେ ମଧ୍ୟ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଓଡ଼ିଶା ସମେତ ବିହାର, ଛତିଶଗଡ଼ ଓ ରାଜସ୍ଥାନର କେତେକ ଅଞ୍ଚଳରେ ଆଜି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଓଡ଼ିଶାର କେତେକ ଅଞ୍ଚଳ ଏବଂ ଉପକୂଳ ଆନ୍ଧ୍ରପ୍ରଦେଶରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି । ତେବେ ମହାରାଷ୍ଟ, ଆନ୍ଧ୍ରପ୍ରଦେଶ, ଗୋଆର କେତେକ ଅଞ୍ଚଳ, ତାମିଲନାଡୁ, ବଙ୍ଗୋପସାଗର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ କହିଛି ।